# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25th September - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଖୁବ୍ ଶୀଘ୍ର ଆଉ ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ, କହିଲେ ମୁଖ୍ୟମନ୍ତ୍ରୀ ।

- ଦେଶ ପାଳନ କରୁଛି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜୟନ୍ତୀ ।

— ଭୁବନେଶ୍ୱରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସମୃଦ୍ଧ ଓଡ଼ିଶା ଗଠନ ଲାଗି ଜନସାଧାରଣଙ୍କ ମତାମତ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ ।

- ଓଡ଼ିଶା ଗସ୍ତରେ ଆସନ୍ତାକାଲି ଆସୁଛନ୍ତି ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ।

ଏବଂ

- ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବାପାଇଁ ପୁରୀ ବେଳାଭୂମିରେ ଆରମ୍ଭ ହେଲା ମିଳିତ ସମରାଭ୍ୟାସ 'ସାଗର କବଚ-୨' ।

***BBSR/R***

# ମୁଖ୍ୟମନ୍ତ୍ରୀ - ସୁଭଦ୍ରା ଯୋଜନା

ରାଜ୍ୟର ଆଉ ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଖୁବ୍ ଶୀଘ୍ର ପ୍ରଥମ କିସ୍ତି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରରେ ଭାରତୀୟ ଜନତା ପାର୍ଟିର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ସେହିଦିନ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା । ପର୍ଯ୍ୟାୟକ୍ରମେ ମୋଟ ୧ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

# ଉପମୁଖ୍ୟମନ୍ତ୍ରୀ - ସୁଭଦ୍ରା ଯୋଜନା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ୯୨ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଆବେଦନ କରିସାରିଛନ୍ତି ସପ୍ତାହକ ମଧ୍ୟରେ ଆବେଦନ ସଂଖ୍ୟା ୧ କୋଟିରେ ପହଁଞ୍ଚିବ ବୋଲି ଆଶା କରାଯାଉଛି । ରାଜ୍ୟର ସମସ୍ତ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ଆସନ୍ତା ବର୍ଷ ମାର୍ଚ୍ଚ ୮ ତାରିଖରେ ସମସ୍ତ ଯୋଗ୍ୟ ହିତାଧିକାରୀ ଏକାସଙ୍ଗରେ ଦ୍ୱିତୀୟ କିସ୍ତି ଅର୍ଥ ପାଇବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

***Desk***

## ଦୀନ୍‌ଦୟାଲ୍ ଉପାଧ୍ୟାୟ ଜୟନ୍ତୀ

ଦେଶରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଜି ୧୦୯ତମ ଜୟନ୍ତୀ ପାଳିତ ହେଉଛି। ଅନ୍ତ୍ୟୋଦୟ ଏବଂ ଗରିବ କଲ୍ୟାଣ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରି ଆଜିର ଦିନକୁ ଅନ୍ତ୍ୟୋଦୟ ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଉଛି।

ଏହି ଅବସରରେ ଭୁବନେଶ୍ୱରର ଜୟଦେବ ଭବନଠାରେ ଏକ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଆଗାମୀ ୨୦୩୬ ମସିହାରେ ରାଜ୍ୟ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ' ଗଠନର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି । ଏହି ଅବସରରେ ସମୃଦ୍ଧ ଓଡ଼ିଶା ଗଠନପାଇଁ ଜନସାଧାରଣଙ୍କୁ ବିଭିନ୍ନ ପ୍ରସ୍ତାବ ତଥା ମତାମତ ଦେବା ଲାଗି ସେ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସମୟ ମଧ୍ୟରେ ନୂଆ ଓଡ଼ିଶା ଗଠନ କରିବାପାଇଁ ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ । ସମ୍ଭାବନାର ଓଡ଼ିଶା ଗଠନପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

# ଏଚ୍.ଆଇ.ଭି.

ଦେଶରୁ ୨୦୩୦ ମସିହା ସୁଦ୍ଧା ଏଚ୍.ଆଇ.ଭି. ଓ ଏଡ୍‌ସ୍ ଭଳି ରୋଗର ମୂଳୋତ୍ପାଟ୍ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି । ଜାତିସଂଘ ସାଧାରଣ ସଭାର ଅଣାଅଶିତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀମତୀ ପଟେଲ କହିଛନ୍ତି, ଏଚ୍‌ଆଇଭି ଏଡ୍‌ସର ମୁକାବିଲା ନିମନ୍ତେ ଭାରତ ବିଶ୍ୱର ସର୍ବାଧିକ ଔଷଧ ଯୋଗାଣକାରୀ ରାଷ୍ଟ୍ର ପାଲଟିଛି । ଭାରତ ପ୍ରାୟ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଉନ୍ନତମାନର ଔଷଧ ଯୋଗାଇବାରେ ସମର୍ଥ ହୋଇପାରିଛି ।

ଶ୍ରୀମତୀ ପଟେଲ କହିଛନ୍ତି, ଦେଶରେ ୩କୋଟିରୁ ଊର୍ଦ୍ଧ୍ୱ ଗର୍ଭବତୀଙ୍କର ମାଗଣାରେ ଏଚ୍‌ଆଇଭି ପରୀକ୍ଷା କରାଯାଉଛି । ସେହିପରି ବାର୍ଷିକ ୧ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିନାମୂଲ୍ୟରେ ଆଣ୍ଟି ରିଟ୍ରୋଭାଇରାଲ୍ ଔଷଧ ପ୍ରଦାନ କରାଯାଉଛି । ଭାରତରେ ବାର୍ଷିକ ଏଚ୍‌ଆଇଭି ସଂକ୍ରମଣ ରୋଗୀଙ୍କ ସଂଖ୍ୟା ୨୦୧୦ ମସିହା ପରଠାରୁ ୪୪ ପ୍ରତିଶତ ହ୍ରାସ ପାଇଥିବାବେଳେ ସମଗ୍ର ବିଶ୍ୱରେ ଏହି ହାର ୩୯ ପ୍ରତିଶତ ହ୍ରାସ ପାଇଥିବା ସେ ସୂଚନା ଦେଇଛନ୍ତି ।

*IPR*

## ଜଳସାଥୀ ପ୍ରଶିକ୍ଷଣ

ଓଡ଼ିଶା ଅର୍ବାନ୍ ଏକାଡେମୀ ଓ ସହରୀ ପରିଚାଳନା କେନ୍ଦ୍ରର ବୈଷୟିକ ସହାୟତାରେ ଭୁବନେଶ୍ୱରରେ ଜଳସାଥୀମାନଙ୍କ ପାଇଁ ଦୁଇଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏଥିରେ ଯୋଗଦେଇ ଗୋଷ୍ଠୀଭିତ୍ତିକ ଜଳ ପରିଚାଳନାରେ ଜଳସାଥୀଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି । ଜଳସାଥୀମାନେ ପ୍ରଶାସନ ଏବଂ ଗୋଷ୍ଠୀ ମଧ୍ୟରେ ସେତୁ ବୋଲି ସେ କହିଛନ୍ତି । ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଜଳ ପରିଚାଳନା ବ୍ୟବସ୍ଥା ସୁନିଶ୍ଚିତ କରାଯାଉଛି । ସୂଚନା ଅନୁସାରେ ଦକ୍ଷତା ଉନ୍ନୟନ କାର୍ଯ୍ୟକ୍ରମରେ ରାଜ୍ୟର ୮ ଶହରୁ ଅଧିକ ଜଳସାଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

*Desk*

## ଯକ୍ଷ୍ମା ପ୍ରତିଷେଧକ ଟିକା

ସୁନ୍ଦରଗଡ଼ ଜିଲ୍ଲାରେ ୨ ଲକ୍ଷ ୩୮ ହଜାର ୬୨୭ ଜଣ ଲୋକଙ୍କୁ ଯକ୍ଷ୍ମା ପ୍ରତିଷେଧକ ଟିକା ଦେବାପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି । ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ଆଜିଠାରୁ ପ୍ରତ୍ୟେକ ସପ୍ତାହର ବୁଧବାର ଏବଂ ଶନିବାର ବ୍ୟତୀତ ଅନ୍ୟ

ଦିନମାନଙ୍କରେ ବି.ସି.ଜି. ଟିକା ଦେବାପାଇଁ ବ୍ୟବସ୍ଥା କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବାପାଇଁ ୧୮ ବର୍ଷରୁ ଉର୍ଦ୍ଧ୍ୱ ୬ଟି ରୋଗରେ ପୀଡ଼ିତ ଲୋକମାନଙ୍କୁ ବି.ସି.ଜି. ଟିକା ଦିଆଯାଉଛି । ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମାରୋଗୀ ଚିକିତ୍ସିତ ହେଉଥିବା ବ୍ୟକ୍ତି, ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି, ମଧୁମେହ ରୋଗୀ, ଧୂମପାନକାରୀ ଏବଂ ପୁଷ୍ଟିହିନତାରେ ଆକ୍ରାନ୍ତ ଲୋକମାନଙ୍କୁ ବି.ସି.ଜି. ଟିକା ଦିଆଯାଉଛି ।

***Desk***

# ଜେ.ପି. ନଡ୍ଡା - ଓଡ଼ିଶା ଗସ୍ତ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଦଳୀୟ ସଦସ୍ୟତା ଅଭିଯାନ ସଂକ୍ରାନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏ ସମ୍ପର୍କରେ ସୂଚନା ଦେଇ ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଏହି ବୈଠକ ଅବସରରେ ସାଂସଦ, ବିଧାୟକ ଏବଂ ରାଜ୍ୟ ଦଳୀୟ ପଦାଧିକାରୀଙ୍କ ସହ ଶ୍ରୀ ନଡ୍ଡା ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

*IPR*

## ନର୍ସିଂ ଅଧିକାରୀ

ଭୁବନେଶ୍ୱର ଲୋକସେବା ଭବନରେ ଆଜି ଓଡ଼ିଶା ସେବିକା କର୍ମଚାରୀ ସଂଘର ପ୍ରତିନିଧିମାନଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ବୈଠକରେ ନର୍ସିଂ ଅଧିକାରୀମାନଙ୍କ ସମସ୍ୟାଗୁଡ଼ିକୁ ଗ୍ରହଣ କରାଯାଇଥିଲା । ନର୍ସିଂ ଅଫିସରମାନଙ୍କ ସେବା, ଅତ୍ୟାବଶ୍ୟକ ସେବା ହୋଇଥିବାରୁ ଆନ୍ଦୋଳନରୁ ଓହରି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର୍ ତଥା ଶାସନ ସଚିବ, ନିର୍ଦ୍ଦେଶକଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

*Kandhamal/R*

## ନିପୁଣ ଓଡ଼ିଶା ଶିକ୍ଷା ମିଶନ

କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ ଫୁଲବାଣୀ ଜିଲ୍ଲା ପରିଷଦ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ 'ନିପୁଣ ଓଡ଼ିଶା ଶିକ୍ଷା ମିଶନ'ର ଲୋଗୋ ଓ ସଙ୍ଗୀତକୁ ଆଜି ଉନ୍ମୋଚନ କରିଛନ୍ତି । ଭିଡ଼ିଓ ମାଧ୍ୟମରେ କିପରି ଅତ୍ୟାଧୁନିକ ଶିକ୍ଷା ସମସ୍ତେ ପାଇପାରିବେ, ସେଥିପାଇଁ ସ୍ମାର୍ଟ କ୍ଲାସ୍‌ରୁମ୍ ସହ

ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍ ଶିକ୍ଷାଧିକାରୀ, ସାମାଜିକ କର୍ମୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

***Bhadrak/R***

## ସ୍ୱଚ୍ଛତା ହିଁ ସେବା

ଭଦ୍ରକ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଓ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌରପାଳିକାର ଅଧିକାରୀ ଓ କର୍ମଚାରୀମାନେ ବସ୍‌ଷ୍ଟାଣ୍ଡରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଏଥିରେ ପରିବେଶକୁ ନିର୍ମଳ ରଖିବା, ଘରେ ଘରେ ସ୍ୱଚ୍ଛତା ବଜାୟ ରଖିବାପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

***Nayagarh/R***

## ଆଇନ ସଚେତନତା

ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ନୟାଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ସଭାପତିତ୍ୱରେ ଗତିଶ୍ୱର ଡିଗ୍ରୀ ମହାବିଦ୍ୟାଳୟଠାରେ “ସାମାଜିକ ଗଣମାଧ୍ୟମର ନିରାପତ୍ତା ଓ ସାଇବର

ଆଇନ” ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ କୁମାର କର, ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ସାମାଜିକ ଗଣମାଧ୍ୟମ ନିରାପତ୍ତା ସଂକ୍ରାନ୍ତରେ ଯୁବପିଢ଼ିଙ୍କୁ ସଚେତନ କରାଇଥିଲେ ।

***Boudh/R***

# ନିଯୁକ୍ତିମେଳା

ବୌଦ୍ଧ ଜିଲ୍ଲାରେ ପ୍ରଶାସନ ପକ୍ଷରୁ ଟାଉନ୍ ହଲ୍‌ଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ୩୧୯ ଜଣ ପଞ୍ଜୀକରଣ କରିଥିଲେ । ଏଥିରେ ୧୫ଟି କମ୍ପାନୀଦ୍ୱାରା ୧୫୯ ଜଣଙ୍କୁ ସିଧାସଳଖ ନିଯୁକ୍ତି ଦିଆଯାଇଥିବାବେଳେ ୮ଟି ସଂସ୍ଥାଦ୍ୱାରା ୧୨୦ ଜଣଙ୍କୁ ନିଯୁକ୍ତିପାଇଁ ମନୋନୀତ କରାଯାଇଛି ।

*Baragarh, Deogarh/R*

# ପୋଷଣ ମାସ

ବରଗଡ଼ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାର ହସ୍ତତନ୍ତ ସମ୍ମିଳନୀ କକ୍ଷଠାରେ ପୋଷଣ ମାସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ କର୍ମଶଳାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ଖେଳନା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା ।

ସେହିପରି ଦେବଗଡ଼ ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ ପାଳନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଉପଲକ୍ଷେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟାଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଯୋଗଦେଇ ଜିଲ୍ଲାରେ ଶିଶୁଙ୍କ ପାଇଁ ପୋଷଣ ତତ୍ତ୍ୱର ଉପଯୋଗିତା ଉପରେ ଆଲୋଚନା କରିଥିଲେ । ଏଥିସହ ମିଲେଟ୍‌ର ବ୍ୟବହାର ଉପରେ ଗୁରୁତ୍ୱ ଦେବା ସକାଶେ ସେ ଅଙ୍ଗନୱାଡ଼ି କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି ।

*Boudh/R*

# ମୋ ଜଙ୍ଗଲ ଜମି - କର୍ମଶାଳା

ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନ୍ତର୍ଗତ 'ମୋ ଜଙ୍ଗଲ ଜମି' ଯୋଜନା ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କୁ ଜଙ୍ଗଲ ଅଧିକାର, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରନିମିତ୍ତ ଜଙ୍ଗଲ ଓ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କୁ ତାଲିମ୍ ଦିଆଯାଇଥିଲା । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବନବିଭାଗ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

*Desk*

# ଉପକୂଳ ସୁରକ୍ଷା - ମିଳିତ ସମରାଭ୍ୟାସ

ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ତଥା ବେଆଇନ ପ୍ରବେଶକୁ ରୋକିବା ଲକ୍ଷ୍ୟରେ ପୁଲିସ, କୋଷ୍ଟଗାର୍ଡ ଏବଂ ନୌସେନା ଦ୍ୱାରା ପୁରୀ ସମୁଦ୍ର ବେଳାଭୂମିରେ ମିଳିତ ସମରାଭ୍ୟାସ 'ସାଗର କବଚ-୨' ଆଜିଠାରୁ ଆରମ୍ଭ ହୋଇଛି। ଉପକୂଳ ଅଞ୍ଚଳରେ ଚାଲିଥିବା ଏହି ଦୁଇଦିନିଆ ମିଳିତ ସମରାଭ୍ୟାସରେ ଅସ୍ତରଙ୍ଗ, ଚନ୍ଦ୍ରଭାଗା, ପେଣ୍ଠକଟା, ଶିପକୁଦ ଏବଂ ବାଲିହରଚଣ୍ଡୀ ସେକ୍ଟରର ନୌସେନା, ତଟରକ୍ଷୀ ବାହିନୀ, ପୁଲିସ ଏବଂ

ସାଗରମିତ୍ର ପ୍ରମୁଖ ସାମିଲ ହୋଇଛନ୍ତି। ବ୍ଲୁ ଫୋର୍ସ ଏବଂ ରେଡ ଫୋର୍ସ ନାମରେ ଦୁଇଟି ଦଳରେ ବିଭକ୍ତ ହୋଇ ଏହି ସମରାଭ୍ୟାସ ଚାଲିଛି। ସୂଚନାଯୋଗ୍ୟ, ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ପ୍ରତ୍ୟେକ ବର୍ଷ ଏଭଳି ସମରାଭ୍ୟାସ ଆୟୋଜିତ ହୋଇଥାଏ।

***Desk***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଉପକୂଳରେ କେନ୍ଦ୍ରୀଭୂତ ରହିଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡ଼ିକପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****